# ଆହାର କେନ୍ଦ୍ରରେ ଖାଦ୍ୟ ପରଖିଲେ ଜିଲ୍ଲାପାଳ



**ବୌଦ୍ଧ,୧୪।୨(ସମିସ):** ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବୌଦ୍ଧ ଡାକ୍ତରଖାନା ନିକଟରେ ଥିବା ଏନଏସି ପରିଚାଳିତ ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ନାୟକ ଆହାର କେନ୍ଦ୍ରରେ ପହଞ୍ଚି ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ନିଜେ ଆହାର କେନ୍ଦ୍ରର ଖାଦ୍ୟ ଖାଇ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏହି ପରିଦର୍ଶନ ସମୟରେ ଉପ ଜିଲ୍ଲାପାଳ ବିନୟ ଭୋଇ ଓ ଅନ୍ୟ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ।

# ବୀରମହାରାଜପୁର ଏନ୍‌ଏସି ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ

## ୱାର୍ଡ ସୀମା ନିର୍ଦ୍ଧାରଣ, ପଦ ସଂରକ୍ଷଣ ଚିଠା ତାଲିକା ପ୍ରକାଶ

ବୀରମହାରାଜପୁର,୧୪।୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ମାନ୍ୟତା ପାଇଁ ରାଜ୍ୟସରକାର ଗତ ଡ଼ିସେମ୍ବର ମାସରେ ନିର୍ଦ୍ଦେଶନାମା ଜାରି କରିଥଲେ। ରାଜ୍ୟସରକାରଙ୍କ ନିର୍ଦ୍ଦେଶ କ୍ରମେ ଏନଏସି ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନଏସି ଗଠନ ହେବାର ୬ ମାସ ମଧ୍ୟରେ ନିର୍ବାଚନ କରିବା ପାଇଁ ନିର୍ଦ୍ଦେଶ ରହିଥିବାରୁ ଜିଲ୍ଲାପାଳ ଏହାର ୱାର୍ଡସୀମା ନିର୍ଦ୍ଧାରଣ ଓ ପଦ ସଂରକ୍ଷଣ ଚିଠା ତାଲିକା ଜାରି କରିଛନ୍ତି। ୨୧୭୬୩ ଜଣ ଭୋଟରଙ୍କୁ ନେଇ ଗଠିତ ହୋଇଥିବା ଏହି ଏନଏସିରେ ୧୭ ଗୋଟି ୱାର୍ଡ କରାଯାଇଛି। ଏହି ୧୭ ୱାର୍ଡ ମଧ୍ୟରୁ ୯ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୯ଟି ୱାର୍ଡ ମଧ୍ୟରେ ୨ଟି ଅନୁସୂଚିତ ଜାତି ମହିଳା ଓ ଗୋଟିଏ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ୬ଟି ଆସନ ଅଣ ସଂରକ୍ଷିତ ମହିଳାଙ୍କ ପାଇଁ ରହିଛି। ଅନ୍ୟ ୮ଗୋଟି ଆସନ ମଧ୍ୟରୁ ଅନୁସୂଚିତ ଜାତିଙ୍କ ପାଇଁ ୨ଟି ଆସନ ସଂରକ୍ଷିତ ରହିଥିବା ବେଳେ ୬ଟି ଆସନ ଅଣସଂରକ୍ଷିତ ରହିଛି। ନୂତନ ଭାବେ ଗଠିତ ହୋଇଥିବା ଏହି ଏନଏସିରେ ୨୧.୪୬ ପ୍ରତିଶତ ଅନୁସୂଚିତ ଜାତିର ଭୋଟର ଥିବା ବେଳେ ୧.୭୭ ପ୍ରତିଶତ ଅନୁସୂଚିତ ଜନଜାତି ଭୋଟର ରହିଛନ୍ତି। ଏହି ଏନଏସି ହେବା ଦ୍ୱାରା ଉଫୁଲା ଓ ଚମ୍ପାସମାଲ ୨ଟି ପଞ୍ଚାୟତର ସମସ୍ତ ଗ୍ରାମ ସାମିଲ ହୋଇଥିବା ବେଳେ ବାଗବର୍ ପଞ୍ଚାୟତର ବୁରୋଘାଟ, କେନ୍ଦୁପାଲି, ଲୁମୁରଜେନା, ଦେଉଳମୁଣ୍ଡା, ଭଲିଆପଦର, ଷଣ୍ଢା ଗ୍ରାମ ସାମିଲ ହୋଇଥିବା ବେଳେ ହିଲୁଙ୍ଗ ପଞ୍ଚାୟତର ଲାଡୁରପେଟ, ରଣାପାଳି ଓ ବାଘମାରୀ ଗ୍ରାମ ସାମିଲ ହୋଇଥିବା ଜଣାପଡିଛି। ଏହି ଚିଠା ତାଲିକାରେ ଯଦି କାହାର କିଛି ଆପତ୍ତି ଥାଏ ସଂଶୋଧନ ପାଇଁ ଆସନ୍ତା ୨୧ତାରିଖ ମଧ୍ୟରେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ଆବେଦନ କରିପାରିବେ ବୋଲି ଏନ ଏସି ନିର୍ବାଚନ ଅଧିକାରୀ ରାଜୀବ ହାଁସଦା କହିଛନ୍ତି।

# ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଲଛିପୁର,୧୪।୨(ସମିସ): ଲଛିପୁର ଗ୍ରାମ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଗତ ୩ ତାରିଖରୁ ଚାଲିଥିବା ମହିଳା ଆତ୍ମରକ୍ଷା ଶିବିର ଶନିବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ। ସମାରୋହରେ ମୁଖ୍ୟଅତିଥି ଭାବେ ଡ. ଟିକିନା ପଧାନ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଭାବେ ଚିନ୍ମୟୀ ଦେହୁରୀ ଓ ବବ୍‌ଲି ପଧାନ ୯୧ ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ନାଏକ ଓ ଅଧ୍ୟାପକ ଶ୍ରୀ ସାହୁ ଏହି ଶିବିରର ଉପାଦେୟତା ସମ୍ବନ୍ଧରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ଦୁଇଜଣ ପ୍ରଶିକ୍ଷିତ ଛାତ୍ରୀ ଡେମୋ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ସନ୍ତୋଷିନୀ ମେହେରଙ୍କୁ ଶିବିର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ପ୍ରବୀର ମିଶ୍ର ଧନ୍ୟବାଦ୍ ଦେଇଥିଲେ। ଅଧ୍ୟାପକ ଚନ୍ଦନ ବେହେରା, ରାଜୀବ କୁମାର ଯୋଶୀ, ପ୍ରବୀର ମିଶ୍ର, ଅଂଶୁମାନ ପଳିଆ, ଆନନ୍ଦ ଯୋଶୀ, ବୃନ୍ଦାବନ କଲତା ପ୍ରମୁଖ ଯୋଗଦେଇ ଶିବିରରେ ଶିଖିଥିବା କୌଶଳର ନିୟମିତ ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା



ବୌଦ୍ଧ,୧୪।୨(ସମିସ): ବିଜୁ ଜନତା ଦଳର ଆଗଧାଡ଼ିର ନେତା ତଥା ଧଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱାମିତ୍ର ମହାକୁଡଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କୁଶସିଙ୍ଗାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅକ୍ଷୟ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ହି ଶୋକସଭାରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବୌଦ୍ଧ ଜିଲ୍ଲା ସଭାପତି ପ୍ରଦୀପ ଅମାତ, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଯୁବନେତା ଅବକାଶ ସାହୁ, ବୌଦ୍ଧ କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, ସୀତାରାମ ଅଗ୍ରୱାଲ, ପୂର୍ବତନ ଆଠମଲ୍ଲିକ ବ୍ଲକ୍ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଅମର ମହାକୁଡ, ସୀତାଂଶୁ ମହାକୁଡ, ବିକାଶ ମହାକୁଡ, ନାରାୟଣ ଭୋକ୍ତା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ନବୋଦୟ ବିଦ୍ୟାଳୟରେ ସାମାଜିକ ଗତିଶୀଳତା ଅଭିଯାନ

ଜହ୍ନାପଙ୍କ,୧୪।୨(ସମିସ): ସାଲେସିଂ ପ୍ରାଥମିକ ବିଦ୍ୟାଳୟରେ ୫ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସାମାଜିକ ଗତିଶୀଳ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବ୍ଲକ୍ ଜବାହର ନବୋଦୟ ବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୬-୨୭ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀ କିପରି ନବୋଦୟ ପ୍ରବେଶ ପରୀକ୍ଷା ଦେବେ ସେ ନେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯାଇଥିଲା। ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମଦେଓ ପ୍ରସାଦ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ଦିଲ୍ଲୀପ



ବାଡତ୍ୟା, ଏସଏସଟି ଶିକ୍ଷକ ଅରୁଣ ମହାନ୍ତ, ଶିକ୍ଷୟିତ୍ରୀ ପୂଜାଲିନ ଜେନା, ସାଲେସିଂ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନିମା ମହାକୁଡ଼, ସିଆରସିସି ବିଜୟ ଭୋଇ, ଓଡିଶା ଷ୍ଟେଟ ବ୍ରିଗଡ଼ ସ୍କୁଲର ସମ୍ପାଦକ ଶ୍ରୀକାନ୍ତ ସାହୁ ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୁନୀଲ ନାଏକ ପିଲାଙ୍କୁ ସଚେତନ କରିଥିଲେ।

# କିଡ୍‌ନୀ ରୋଗୀ ଉପେନ୍ଦ୍ରଙ୍କୁ ମିଳୁନି ଆବାସ

ବୀରମହାରାଜପୁର,୧୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବହଲପଦର ପଞ୍ଚାୟତର ଗୌଡ଼ଗାଡ ଗ୍ରାମର ଉପେନ୍ଦ୍ର ପ୍ରଧାନ(୫୫) ଦୀର୍ଘ ଦିନ ହେଲା କିଡ୍‌ନୀ ରୋଗର ଆକ୍ରାନ୍ତ ହୋଇ ଘରେ ପଡି ରହିଛନ୍ତି। ସେ ଗରିବ ଶ୍ରେଣୀର ହୋଇଥିଲେ ମଧ୍ୟ ସେ ସରକାରୀ ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଏପରିକି ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ବାରମ୍ବାର ଅବେଦନ କରିଥିଲେ ମଧ୍ୟ ତାଙ୍କ ଆବାସ ଘର ମିଳିପାରି ନଥିବା ସେ ଅଭିଯୋଗ କରିଛନ୍ତି। ଘର ଖଣ୍ଡେ ନ ଥିବାରୁ ସେ ନିଜ ପରିବାର ସହିତ ବହୁ ଅସୁବିଧାରେ ରହୁଛନ୍ତି। ତେବେ ଅସହାୟ ଉପେନ୍ଦ୍ରଙ୍କୁ ଆବାସ ଗୃହ ନମିଳିବା ସରକାରୀ ବିଧି ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠାଇଛି। ସୂଚନାନୁଯାୟୀ, ବହଲପଦର ପଞ୍ଚାୟତର ଗୌଡ଼ଗାଡ ଗ୍ରାମରେ ରହୁଥିବା ଉପେନ୍ଦ୍ର ପ୍ରଧାନ ପୂର୍ବରୁ ଜଣେ ଗାଡି ଡ୍ରାଇଭର ଥିଲେ। ସେ ଗାଡ଼ି ଚଳାଇ ନିଜ ପରିବାର ଚଳାଉ ଥିଲେ। ଆଜିକୁ ପ୍ରାୟ ୬ ବର୍ଷ ପୂର୍ବେ ତାଙ୍କୁ ଜ୍ୱର ହେବାରୁ ସେ ସମ୍ବଲପୁର ଯାଇ ଚିକିତ୍ସା ହୋଇଥିଲେ। ସେଠାରେ ତାଙ୍କୁ କିଡନୀ ରୋଗ ହୋଇଥିବା ଡାକ୍ତର କହିଥିଲେ। ପରେ ସେ ବୁର୍ଲା ବଡ଼ମେଡ଼ିକାଲ ଓ ଭୁବନେଶ୍ୱରରେ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହୋଇଥିଲେ। କିଡ୍‌ନୀ ଆକ୍ରାନ୍ତ ହେବାପରେ ସେ ଆଉ ଗାଡ଼ି ଚଳାଇ ନ ପାରିବାରୁ ତାଙ୍କର ଆର୍ଥିକ ଅବ୍ୟବସ୍ଥା ଦେଖାଦେଇଥିଲା। ଉପେନ୍ଦ୍ରଙ୍କ ଜମିବାଡ଼ି କହିଲେ ଦେଢ଼ ଏକର ମାତ୍ର ରହିଛି। ପରିବାରରେ ତାଙ୍କର ତିନି ପୁଅ ଓ ତିନି ଝିଅ। ତାଙ୍କ ପାଖରେ ସ୍ୱାସ୍ଥ୍ୟ କାର୍ଡ ଥିଲେ ମଧ୍ୟ ଚିକିତ୍ସା ବେଳେ ଏହା କାମରେ ଲାଗିପାରୁ ନାହିଁ। ଫଳରେ ସେ ଧାର କରଜ କରି ଚିକିତ୍ସା ହୋଇଥିଲେ। ଏବେ ଟଙ୍କାର ଅଭାବ ଯୋଗୁଁ ସେ ଆଉ ଡାକ୍ତରଖାନାକୁ ନ ଯାଇ ସ୍ଥାନୀୟ ଅଞ୍ଚଳରେ କ୍ୱାକ୍‌ଙ୍କ ପାଖରେ ଚିକିତ୍ସିତ ହେଉଛନ୍ତି। ଘର ଖଣ୍ଡେ ନ ଥିବାରୁ ସେ ଆବାସ ଯୋଜନାରୁ ପକ୍କାଘର ଖଣ୍ଡେ ଓ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦାବି କରିଛନ୍ତି। ଘର ଖଣ୍ଡେ ପାଇଁ ସେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ତାଙ୍କ ଅଭିଯୋଗ ଶୁଣୁ ନଥିବା ସେ ଅଭିଯୋଗ କରିଛନ୍ତି। ପ୍ରାୟ ଦୁଇମାସ ପୂର୍ବରୁ ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ଆବାସ ଯୋଜନା ଓ ଆର୍ଥିକ ସହାୟତା ପାଇଁ ନିବେଦନ କରି ଅଭିଯୋଗ ପତ୍ର ଦେଇଥିଲେ। ଜିଲ୍ଲାପାଳ ତାଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ, ମତ୍ର ତାଙ୍କୁ ନା ମିଳିଛି ଆବାସ, ନା ଆର୍ଥିକ ସହାୟତା। ପଞ୍ଚାୟତ କର୍ମଚାରୀମାନେ ତାଙ୍କ ଘରକୁ ଆସି ତିନି ତିନି ଥର ଘର ପାଇଁ ଫଟୋ ଉଠାଇ ନେଇଛନ୍ତି। ମାତ୍ର ଆବାସ କାହିଁକି ଦିଆଯାଉ ନାହିଁ ବୋଲି ପଚାରିଲେ ସେମାନେ କୌଣସି ଉତ୍ତର ଦେଉ ନ ଥିବା ଉପେନ୍ଦ୍ର ଅଭିଯୋଗ କରିଛନ୍ତି। ତେବେ କିଡନୀ ଆକ୍ରାନ୍ତ ଉପେନ୍ଦ୍ରଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖଣ୍ଡେ ପକ୍କା ଘର ସହିତ କିଡନୀ ରୋଗର ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ ପାଇଁ ତାଙ୍କ ପରିବାର ଲୋକେ ଦାବି କରିଛନ୍ତି।



ଆର୍ଥିକ ସହାୟତା ସହ ଗୃହ ପ୍ରଦାନ ପାଇଁ ଦାବି

# ୪୩ ୟୁନିଟ୍ ରକ୍ତ ସଂଗ୍ରହ




**ତରଭା,୧୪।୨(ସମିସ):** ସୋନପୁର ବୁଢ଼ାରଜା ଯୁବ ସମାଜସେବୀ ସଂଗଠନ ଆନୁକୁଲ୍ୟରେ ୧୪ତମ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଯାଇଛି। ଶିବିରରେ ୫ ଜଣ ମହିଳାଙ୍କ ସମେତ ମୋଟ ୪୩ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ଏଥିରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ୨୦୧୩ ମସିହା ନିର୍ଭୟା ଘଟଣା ପରେ ସଂଗଠନ ତରଫରୁ ଏହି ଦିବସକୁ ''ନାରୀ ପାଇଁ ସମ୍ମାନ' ଦିବସ ଭାବେ ପାଳନ କରାଯାଇ ରକ୍ତଦାନ ଶିବିର ଅୟୋଜିତ କରାଯାଉଛି। ଶିବିରକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ପୌରାଧ୍ୟକ୍ଷ ତାମସି ତାମସ୍ମିତା ନାଏକ, ଉପାଧ୍ୟକ୍ଷ ମଲ୍ଲିକା ଦାନୀ, କଳାପଥର ସମିତି ସଭ୍ୟ ତଥା ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଅରବିନ୍ଦ ବାରିକ, ସାଂସଦଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର, ସ୍ୱରୂପ ପାତ୍ର, ବିଶିଷ୍ଟ ସମାଜସେବୀ ତଥା ସୁବର୍ଣ୍ଣ ମଣିଷ ଶ୍ରୀବତ୍ସ ମଲିକ, ଶ୍ରୀକାନ୍ତ କୁମାର ମିଶ୍ର, ସୋମ୍ ପ୍ରକାଶ ରୋସନ କେଶରୀ ପଣ୍ଡା, ଶୁକ୍ଳାମ୍ବର ପାଣିଗ୍ରାହୀ, ପ୍ଲାବନ ମହାପାତ୍ର, ଜଗନ୍ନାଥ ତ୍ରିପାଠୀ, ସୌମ୍ୟ ରଞ୍ଜନ ଦେହୁରୀ ଉପସ୍ଥିତ ଥିଲେ। ସୋନପୁର ରକ୍ତ ଭଣ୍ଡାରର ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ, ଟେକ୍ନିସିଆନ ସୁଦାମ ବିଶ୍ୱାଳ, ଜଗତ ଦରୁଆନ ଓ ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ। ଅନୁଷ୍ଠାନର ସଭାପତି ଦିବ୍ୟରଞ୍ଜନ ସାହୁ, ସଂପାଦକ ଚିତ୍ତରଞ୍ଜନ ଭୋଇ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସ, ଅନୁଷ୍ଠାନର ସଦସ୍ୟ ଶିବଶଙ୍କର ନାଏକ, ସାଲବେଗ ନାଏକ, ଶୈଳେନ୍ଦ୍ର ବାରିକ, ଅରବିନ୍ଦ ଝା, ସୂର୍ଯ୍ୟକାନ୍ତ ନାୟକ, ଅରୁଣ କୁମାର ମେହେର, ଦେବାଶିଷ ବାରିକ, ପ୍ରକାଶ ସିଂ, ବଳରାମ ସା, ରାଜକୁମାର ବାରିକ, ରାମଚନ୍ଦ୍ର ସ୍ୱାଇଁ, ତପନ ସାହୁ, ବାଦଲ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀମଦ୍ ଭାଗବତ ପାରାୟଣ ସକାଶେ କଳସ ଶୋଭାଯାତ୍ରା



**ମନମୁଣ୍ଡା,୧୪।୨(ସମିସ):** ମନମୁଣ୍ଡା ପଞ୍ଚାୟତ ନୂର୍ପାର ଶ୍ରୀ ବଜ୍ରେଶ୍ୱର ବାବା ଭାଗବତ ସତସଙ୍ଗ କମିଟି ଆନୁକୂଲ୍ୟରେ ବାଜ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ ମହାପୁରାଣ ସପ୍ତାହ ପାରାୟଣ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମାଳତୁଲା ବନ୍ଧରେ ପୂଜାପାଠ ହୋଇଥିଲା। ଏଥିରେ କର୍ତ୍ତାଭାବେ ବୃନ୍ଦାବନ ମଲ୍ଲିକ ଓ ତାଙ୍କ ପତ୍ନୀ ପ୍ରମିତା ମଲ୍ଲିକ ଦାୟିତ୍ୱ ନିର୍ବାହନ କରିଥିଲେ। ବିଭୀଷଣ ମଲ୍ଲିକ, ଶିବ ନାରାୟଣ ସା, ସୁରୁ ମଲ୍ଲିକ, ମନ ମଲ୍ଲିକଙ୍କ ନେତୃତ୍ୱରେ ବନ୍ଧରୁ ଶତାଧିକ ମହିଳା ଓ ପୁରୁଷ ଜଳ ପୂର୍ଣ୍ଣ କଳସ ଓ ନରିକେଳ ଧାରଣ କରି ଘଣ୍ଟଶଙ୍ଖ ଧ୍ୱନିରେ ପାରାୟଣ ମଣ୍ଡପକୁ ଯାଇ ସ୍ଥାପନ କରିଥିଲେ। ୧୫ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି ପାରାୟଣ ଅନୁଷ୍ଠିତ ହେବ। ଏଥିରେ ବ୍ୟାସ ଭାବେ ଅଡାଳ, ସୁବର୍ଣ୍ଣପୁରର ତପନ ଦାଶ ପାରାୟଣ ଗାୟନ ଓ ପ୍ରବଚନ ପ୍ରଦାନ କରିବେ।

# ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

ଡୁଙ୍ଗୁରିପାଲି,୧୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ପୁରସ୍କାର ବିତରଣ ସଭାରେ ଇତିହାସ ବିଭାଗର ପ୍ରଧ୍ୟାପକ ଶୁକଦେବ ଝାଙ୍କର ଅଧ୍ୟକ୍ଷତା କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ ଶୈଳେଶ ଶତପଥୀ ସଭା ପରିଚାଳନା କରିଥିଲେ। ସଭାରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ତଥା ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ ଯୁକ୍ତ ତିନି ବିଭାଗରେ ଛାତ୍ର ରାଜା ବେହେରା ଓ ଯୁକ୍ତ ଦୁଇ ବିଭାଗରେ ସୋନାଲି ଗହିର ଶ୍ରେଷ୍ଠ ରୂପେ ବିବେଚିତ ହୋଇଥିଲେ। ଖେଳ ବିଭାଗରେ ଯୁକ୍ତ ଦୁଇ ଛାତ୍ର ବିଜୁ ପଟେଲ୍ ଛାତ୍ରୀ, ଯୁକ୍ତ ତିନି ବିଭାଗରେ ବିକାଶ କୁମ୍ଭାର , ସସ୍ମିତା କୁମ୍ଭାର ଶ୍ରେଷ୍ଠ ରୂପେ ବିବେଚିତ ହୋଇଥିଲେ। ସଭା ଶେଷରେ ଡ ପ୍ରକାଶ ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ।




# ବାଲ୍ୟ ବିବାହର କୁପରିଣାମ ଉପରେ ସଚେତନତା



**ବୌଦ୍ଧ,୧୪।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପିତାମ୍ବରପୁର ପଞ୍ଚାୟତରେ ବିଶ୍ୱ ଯୁବ କେନ୍ଦ୍ର (ବଣିନାଳି) ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିତାମ୍ବରପୁର ଗ୍ରାମର କେତେକ କିଶୋରୀ ବାଳିକା ଅଙ୍ଗନବାଡି କେନ୍ଦ୍ରରେ ଯୋଗ ଦେଇଥିଲେ। ବିଶ୍ୱ ଯୁବ କେନ୍ଦ୍ର ବୌଦ୍ଧ ଜିଲ୍ଲା ସାହାଯିକା କର୍ମଚାରୀ ସ୍ମିତା ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବାଲ୍ୟ ବିବାହର କୁପରିଣାମ ଓ ଏହାକୁ କିପରି ରୋକଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା।

# ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଡୁଙ୍ଗୁରିପାଲି,୧୪।୨(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଭଲିବଲ୍ କମିଟି ପକ୍ଷରୁ ସ୍ଥାନୀୟ ରାମପୁର ରୋଡ ସ୍ଥିତ ରାଧା କୃଷ୍ଣ ଭଲିବଲ୍ ଖେଳ ପଡିଆଠାରେ ୫୨ତମ ସର୍ବଭାରତୀୟ ଭଲିବଲ୍ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ଡୁଙ୍ଗୁରିପାଲି ଅଞ୍ଚଳର ଅବସରପ୍ରାପ୍ତ ସୈନିକମାନେ ଯୋଗଦେଇଥିଲେ। ଶିବମନ୍ଦିରରୁ ବଜାଗଜା ସହିତ ଭଲିବଲ ଆସୋସିସନ ସମସ୍ତ କର୍ମକର୍ତ୍ତାମାନେ ଟ୍ରଫିଗୁଡିକୁ ଧରି ଏକ ଶୋଭାଯାତ୍ରାରେ ବାହାରି ଖେଳପଡିଆରେ ପହଞ୍ଚି ଖେଳର ପତକା ଉତ୍ତୋଳନ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ସୋନପୁର ବିଧାୟକ ନିରଞ୍ଜନ ପୂଝରୀ ଯୋଗଦେଇ ଫିତାକାଟି ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ମକାରଧ୍ୱଜ ସାହୁ, ଭବାନିଶଙ୍କର ଉଦଗାତ, ଭଲିବଲ ସଭାପତି ହିମାଂଶୁ ବିଶ୍ୱାଳ, ଗୋପାଳ ବାରିକ, ଜିତେନ୍ଦ୍ର ବିଶ୍ୱାଳ, ଟୁନା ପାଣ୍ଡେ, କାନ୍ଦରପ ସାହୁ, ପ୍ରଦୀପ ମିଶ୍ର, ଜପେଶ୍ୱର ବେହେରା, ଦିଲୀପ ବାଗ, ବଙ୍ଗାଳି ବିଶ୍ୱାଳ, ଦେବେରାଜ ବିଶ୍ୱାଳ, ସୁବାସ ଥଇତ, ବୀରବଳ ବିଶ୍ୱାଳ ଯୋଗ ଦେଇଥିବା ବେଳେ ଅନ୍ୟତମ ମୁଖ୍ୟ ଅତିଥିଭାବେ ସୋନପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ, ବଳରାମ ବଗର୍ତ୍ତୀ ଯାଦବ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଥାନା ଅଧିକାରୀ ରୋଜାଲନ ପଟେଲ, ଡ. ମେଘନାଦ ପଧାନ, ଆଇନଜୀବୀ ବଳଦେବ ପଧାନ, ନବୀନ ରଣା, ଡା. ରଘୁମଣୀ ମିଶ୍ର, ଡିଇଓ ଗଣେଶ କିସାନ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ପ୍ରଥମ ମ୍ୟାଚ ପୁନେ (ଇନକମଟେକ୍ସ) ଓ ଜବଲପୁର (ରେଲୱେ) ମଧ୍ୟରେ ହୋଇଥିଲା ବେଳେ ପୁନେ ଦଳକୁ ୨-୦ରେ ପରାସ୍ତ କରି ବିଜୟୀ ହୋଇଥିଲା। ପରେ ବିଳାସପୁର (ରେଲୱେ) ଓ ହରିଆଣା ଏବଂ ବିଶାଖାପାଟଣା ଓ ଜବଲପୁର (ରେଲୱେ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ହରିଆଣା, ଆନ୍ଧ୍ରପ୍ରଦେଶ, ବିଳାସପୁର ପ୍ରମୁଖ ଦଳ ଗୁଡିକ ଭାଗ ନେଛନ୍ତି। ଆୟୋଜକ କମିଟିର ସଭାପତି ହିମାଂଶୁ ଶେଖର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସର ସୈନିକମାନଙ୍କୁ ଓ ଭଲିବଲ ଖେଳି ବିଭିନ୍ନ ବିଭାଗରେ ଚାକିରି ପାଇଥିବା ଖେଳାଳିମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଟୁର୍ନାମେଣ୍ଟରେ ମୁଖ୍ୟ ରେଫରି ନିରଞ୍ଜନ ନାଏକ, ପ୍ରିୟ ରଞ୍ଜନ ସାହୁ, ଜତିନ କୁମାର ସାହୁ, ନରେନ୍ଦ୍ର ଦଣ୍ଡସେନା, ଦୁର୍ଗା ମାଧବ ନାୟକ, ସ୍ନେହାନସି ମହାନ୍ତି, ବିଦ୍ୟାଧର ସେଠି, ଖେଳ ପରିଚାଳନା ନେସେନାଲ ରେଫରୀ ଯୋଗ ଦେଇଛନ୍ତି। ତେବେ ଏଇ ଅଲ ଇଣ୍ଡିଆ ମ୍ୟାଚକୁ ଦେଖିବା ପାଇଁ ପ୍ରବଳ ଦର୍ଶକଙ୍କ ଭିଡ଼ ଜମିଥିଲା।

# ବାର୍ଷିକ ବୋର୍ଡ ପରୀକ୍ଷା ପାଇଁ ପ୍ରଶିକ୍ଷଣ



ବୌଦ୍ଧ,୧୪।୨(ସମିସ): ସ୍ଥାନୀୟ ପିମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ବୋର୍ଡ ପରୀକ୍ଷା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବାର୍ଷିକ ବୋର୍ଡ ପରୀକ୍ଷା ପାଇଁ କେନ୍ଦ୍ର ପରିଚାଳକ, ପର୍ଯ୍ୟବେକ୍ଷକ, ପ୍ରଶ୍ନପତ୍ର ପ୍ରେରଣ ଅଧିକାରୀଙ୍କୁ ନେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗ ଦେଇ ନିର୍ଭୁଲ ଓ ଠିକ୍ ପରୀକ୍ଷା ପରିଚାଳନା ସହ ପରୀକ୍ଷା କେନ୍ଦ୍ରରେ ପରିଷ୍କାର ପରିଚ୍ଛନ୍ନତା, ସିସିଟିଭି, ଯଥେଷ୍ଟ ଓଆରଏସ ଏବଂ ସ୍ୱଚ୍ଛ ପାନୀୟ ଜଳର ସୁବିଧା ଆଦି ଉପଲବ୍ଧ କରାଇବା ଉପରେ ଜୋର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପ ଆରକ୍ଷୀ ଅଧୀକ୍ଷକ ସ୍ମିତା ସୁଭାଷିନୀ ଟେଟେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡ଼ାମଣି ବାରିକ୍, ପିମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣଚନ୍ଦ୍ର ସାମଲ୍ ପ୍ରମୁଖ ମଞ୍ଚାସୀନ ଥିଲେ। ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଯୋଗିନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗାୟତ୍ରୀ ସାହୁ, କନ୍ଧମାଳ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗା ଚରଣ ପ୍ରଧାନ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ଜିଲ୍ଲାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଜିଲ୍ଲାର ୩୩ଟି ହାଇସ୍କୁଲ ବୋର୍ଡ ପରୀକ୍ଷା କେନ୍ଦ୍ରର ଅଧ୍ୟକ୍ଷ ଏବଂ ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ନବ କିଶୋର ଦୀପ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। କ୍ଲଷ୍ଟର ସଂଯୋଜକ ପଦ୍ମନାଭ ପ୍ରଧାନ, ରୀତୁ ପ୍ରଧାନ, ରୁଚିକା ମେହେର ଏବଂ ସ୍ଥାନୀୟ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥଲେ।

## ହରିଶଙ୍କରରେ ରାତି ୧୧ଟାରେ ଉଠିବ ମହାଦୀପ



**ଖପ୍ରାଖୋଲ, ୧୪ ।୨(ସମିସ):** ବଲାଙ୍ଗିର ଜିଲ୍ଲା ତଥା ଓଡ଼ିଶାର ପ୍ରମୁଖ ଶୈବ ପୀଠ ହରିଶଙ୍କର ମନ୍ଦିରରେ ମହାଶିବରାତ୍ରି ପାଳନ ହେବ । ରାତି ୧୧ଟାରେ ମହାଦୀପ ଉଠିବ । ମନ୍ଦିର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର ଏହି ସୂଚନା ଦେଇଛନ୍ତି । ହରିଶଙ୍କର ମନ୍ଦିର ଏକ ପ୍ରମୁଖ ଶୈବ ପୀଠ । ଏଠାକୁ ନିତିଦିନ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି । ଧବଳେଶ୍ୱରଙ୍କ ପୂଜାର୍ଚ୍ଚନା କରିଥାନ୍ତି । ମହାଶିବରାତ୍ରି ପାଳନ ଉପଲକ୍ଷେ ହଜାର ହଜାର ଭକ୍ତ ବାବାଙ୍କ ଦର୍ଶନ ଲାଭ କରି ପାପନାଶିନୀ ଝରଣାରେ ବୁଡ଼ ପକାଇଥାନ୍ତି । ସେହିପରି କନ୍ଧରାଭଟା ତ୍ରିଲିଙ୍ଗେଶ୍ୱର ଜଳମହାଦେବ ମନ୍ଦିରରେ ରାତି ୭ଟାରେ ମହାଦୀପ ଉଠିବ ବୋଲି ପୂଜା କମିଟି ତରଫରୁ ସୂଚନା ମିଳିଛି ।

## ଅସୁରଦୁଲି ଶିବରାତ୍ରି ପାଇଁ କଳସ ଶୋଭାଯାତ୍ରା



**ବଲାଙ୍ଗିର, ୧୪।୨(ସମିସ):** ପୁଇଁନ୍ତଲା ବ୍ଲକ ଦଶପୁର ପଞ୍ଚାୟତ କୁଟେନପାଲି ଗ୍ରାମ ଅସୁରଦୁଲି ପାହାଡ଼ସ୍ଥିତ ବାବା ସିଦ୍ଧେଶ୍ୱରଙ୍କ ମନ୍ଦିରରେ ଷଷ୍ଠ ଶିବରାତ୍ରି ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅସୁରଦୁଲି ପୋଖରୀରୁ ଗ୍ରାମର ମହିଳାମାନେ କଳସ ଧରି ଗ୍ରାମ ପରିକ୍ରମା ପୂର୍ବକ ଶୋଭାଯାତ୍ରାରେ ବାହାରିଥିଲେ । ରବିବାରଠାରୁ ୨୪ ପ୍ରହର ନାମଜ୍ଞ ଅନୁଷ୍ଠିତ ହେବ । କଳସ ଶୋଭାଯାତ୍ରାରେ ପୂଜକ ଭାବେ କୁନା ବେଜ, ଶେଷଦେବ ବେଜ, ମନ୍ଦିର ପୂଜକ ଲାଲୁ ଥାନାପତି କାର୍ଯ୍ୟ ତୁଲାଇଥିଲେ । ୪ ଦିନ ଧରି ହେବାକୁ ଥିବା ଏହି ନାମଯଜ୍ଞରେ କୁଟେନପାଲି ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରୁଛନ୍ତି ।

## ଜାଗର ଯାତ୍ରା ପାଇଁ କଳସ ଶୋଭାଯାତ୍ରା

**ବୌଦ୍ଧ, ୧୪ ।୨(ସମିସ):** ବୌଦ୍ଧ ବ୍ଲକ ତାଲସରଡା ପଞ୍ଚାୟତ ଅଧୀନ ମାନେଶ୍ୱର ଗ୍ରାମର ଶ୍ରୀ ଶ୍ରୀ ମାନେଶ୍ୱର ମହାଦେବ ସିଦ୍ଧ ଶୈବ ପୀଠରେ ପବିତ୍ର ମହାଶିବରାତ୍ରି ଜାଗର ଯାତ୍ରା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ନିକଟସ୍ଥ ଜାମୁଁ ନାଳରେ ପୂଜାର୍ଚ୍ଚନା ପରେ ଗଙ୍ଗାମାତାଙ୍କୁ ଆବାହନ କରାଯାଇଥିଲା । ଏହାପରେ ଗ୍ରାମବାସୀ ଜଳ ଭର୍ତ୍ତି କଳସ ଧରି ନାମ ସଙ୍କୀର୍ତ୍ତନ ଏବଂ ପାରମ୍ପରିକ ବାଦ୍ୟ ସହ ମନ୍ଦିର ଅଭିମୁଖେ ଶୋଭାଯାତ୍ରାରେ ଆସିଥିଲେ । କଳସ ଗୁଡିକୁ ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା । ରିବିବାର ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ ହେବ । ସନ୍ଧ୍ୟାରେ ମହାଦେବଙ୍କ ଅଭିଷେକ ଏବଂ ମହାପୂଜା ସମାପ୍ତ ପରେ ମଧ୍ୟରାତ୍ରିରେ ମହାଦୀପ ଉଠିବ ।

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ଭର୍ତ୍ସନା



**ମୁରିବାହାଲ, ୧୪।୨ (ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ମୁଖ୍ୟାଳୟରେ କଂଗ୍ରେସ ପକ୍ଷରୁ ଚା ପେ ଚର୍ଚ୍ଚା କାର୍ଯକ୍ରମ ଅନୁଷ୍ଠିତ ହୋଇଛି । ମୁରିବହାଲ୍ ବ୍ଲକ କଂଗ୍ରେସ ସଭାପତି ଗିରିଧାରୀ ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ଏହି ଚା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ପିସିସି ଉପସଭାପତି ତଥା କଂଗ୍ରେସର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ବଲାଙ୍ଗୀର ଜିଲ୍ଲା ସଭାପତି ଅନିଲ ମେହେର ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ଚାଷୀ ମରଣା ନୀତି, ଟାଟା ପାୱାରର ସ୍ମାର୍ଟ ମିଟର, ମନରେଗା ନାଁ ପରିବର୍ତ୍ତନକୁ ବିରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲଖନା ସରପଞ୍ଚ ସଦାନନ୍ଦ ଦୀପ, ଯଦୁପତି ଅଗସ୍ତି, ବିଭୀଷଣ ତାଣ୍ଡି, ଜିତେନ ହାତୀ, ପୂର୍ଣ୍ଣ ମାଝୀ, ଗୁଲମେର ସିଂ, ବ୍ରିଷ୍ଣୁ ସାହୁ, ଚୁଡ଼ାମଣି ରନା, ସତ୍ୟବାନନାଗ, ମାଧବ ସାହୁ, ଗୋପିନାଥ ସେଟ, ନରେନ୍ଦ୍ର ବନଛୋରଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କ ସମସ୍ୟା ସରୁନି

# ଧାନବିକ୍ରି ଚିନ୍ତାରେ ବଡ଼ଚାଷୀ, ଡିବିଟି ଦେଉଛି ଦୁଃଖ

**ବଲାଙ୍ଗିର, ୧୪ ।୨(ସମିସ)**

> **ବଢୁଛି ଚାଷୀଙ୍କ ସମସ୍ୟା; ତାଲିକା ସରିବାକୁ ବସିଛି ଟାର୍ଗେଟ**
>
> **ଧାନ ବିକ୍ରି ପାଇଁ ବେପାରୀ ଖୋଜୁଛି ବଡ଼ଚାଷୀ**
>
> **ରାଜ୍ୟ ବାହାର ବ୍ୟାଙ୍କରେ ଜମା ହେଉଛି ଟଙ୍କା**
>
> **ମେସେଜ ଦେଖି କେବଳ ଚାଷୀ ଖୁସି ହେଉଛି**

ବଲାଙ୍ଗିର ଜିଲ୍ଲାରେ ଧାନକିଣା ଅବ୍ୟବସ୍ଥାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛି । ଗୋଟିଏ ପଟେ ଧାନକିଣା ବ୍ୟବସ୍ଥିତ ଭାବେ ଚାଲିଥିବା ଯୋଗାଣ ବିଭାଗ କହୁଛି । ବାସ୍ତବ ଚିତ୍ର ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ ରହିଛି । ପ୍ରତିଦିନ ଚାଷୀ କିଭଳି ଭାବେ ଧାନବିକ୍ରିରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାର ଚିତ୍ର ସାମ୍ନାକୁ ଆସୁଛି । ଚାଷୀ ଶୋଷଣ ଓ ହଇରାଣର ବିକଳ ଚିତ୍ର ତାଲିକା ଦିନକୁ ଦିନ ବଢ଼ିବାରେ ଲାଗିଛି । ଚାଷୀଙ୍କ ଧାନବିକ୍ରି ଟଙ୍କା ଅନ୍ୟ ରାଜ୍ୟ ଆକାଉଣ୍ଟରେ ଜମା ହେଉଛି । ଟଙ୍କା ଉଠିବାକୁ ଯାଇ ଚାଷୀଙ୍କ ମୃତ୍ୟୁ ଘଟୁଛି । ଏତାପରେ ତାଙ୍କ ପରିବାର ଲୋକେ ଧାନ ବିକିବା ପାଇଁ କଲବଲ ହେଉଛନ୍ତି । ସେହିଭଳି ବଡ଼ଚାଷୀ ମଧ ଧାନବିକ୍ରି ଲାଗି କିଭଳି ହଇରାଣ ହେଉଛନ୍ତି ତାହାର ଚିତ୍ର ମଧ ବର୍ତ୍ତମାନ ସାମ୍ନାକୁ ଆସିଛି । ସାମଗ୍ରିକ ଭାବେ କହିବାକୁ ଗଲେ ଜିଲ୍ଲାରେ ଧାନକିଣା କେବଳ ବ୍ୟବସ୍ଥିତ ଭାବେ କାଗଜପତ୍ରରେ ଚାଲିଛି । ବାସ୍ତବରେ କିନ୍ତୁ ଅନେକ ଦୁର୍ଭାଗ୍ୟଜନକ ସ୍ଥିତି ରହିଛି ।

ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅଙ୍କରିଆପଦର ଗାଁର ଚାଷୀ ପ୍ରସନ୍ନ ବାରିକଙ୍କ ଗାଁ ଗୌନ୍ତିଆ । ତାଙ୍କର ବହୁ ପରିମାଣର ଜମି ରହିଛି । ଅଞ୍ଚଳର ସେ ଜଣେ ବଡ଼ ଚାଷୀ । ତେବେ ଚଳିତ ଖରିଫରେ ଧାନ ବିକିବା ପାଇଁ ସେ ପଞ୍ଜିକରଣ କରିଥିଲେ । ତାଙ୍କର ସମୁଦାୟ ୨୫୦ କ୍ୱିଣ୍ଟାଲ ଧାନ ବିକିବା ପାଇଁ ଅନୁମତି ରହିଛି । ବର୍ତ୍ତମାନ ସୁଦ୍ଧା ସେ ଦୁଇଟି ଟୋକନରେ ପ୍ରାୟ ଦେଢ ଶହ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି । ତାଙ୍କର ସବୁତକ ଧାନ ବିକିବା ପାଇଁ ତାଙ୍କୁ ଆହୁରି ୪ଟି ଟୋକନର ଆବଶ୍ୟକତା ରହିଛି । ଜିଲ୍ଲା ପାଇଁ ଆସିଥିବା ଟାର୍ଗେଟର ପ୍ରାୟ ୯୫ ପ୍ରତିଶତ ଧାନ ବିଭାଗ କିଣିସାରିଥିବା ଯୋଗାଣ ଅଧିକାରୀ କହିଛନ୍ତି । ତେବେ ବର୍ତ୍ତମାନ ସମ୍ପୃକ୍ତ ଚାଷୀ ଜଣକ ପ୍ରଶାସନ ଉପରୁ ଭରସା ଉଠାଇ ନିଜ ଉଦ୍ୟମରେ କମ୍ ଦରରେ ହେଲେ ବି ଧାନ ବିକିବା ପାଇଁ ଅଣ୍ଟା ଭିଡ଼ିଛନ୍ତି । ଦେଢଶହ କ୍ୱିଣ୍ଟାଲରୁ ଅଧିକ ହେଲେ ବୋନସ ଟଙ୍କା ଦେବାକୁ ସରକାର ମନା କରିଛନ୍ତି । ଏହାପରେ ଆଉ ମଣ୍ଡିରେ ଧାନ ବିକିବାକୁ ଜଗି ରହିବା ବଦଳରେ ଅନ୍ୟ କାହାକୁ କମ୍ ଦରରେ ହେଲେ ବି ଧାନ ବିକିବା ଉଚିତ ବୋଲି ସେ କହିଛନ୍ତି । ବର୍ତ୍ତମାନ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଧାନ କିଣାଯାଇଛି । ଆହୁରି ଟୋକନର ଧାନ ବିକ୍ରି କରିବା ଆଗକୁ ଅସମ୍ଭବ ଲାଗୁଛି । ଏଣୁ ସେ ଏବେ ଧାନ ବିକିବା ଚିନ୍ତାରେ ରହିଛନ୍ତି । କେବଳ ଏହି ଜଣେ ଚାଷୀ ନୁହଁନ୍ତି; ଜିଲ୍ଲାରେ ଏହିଭଳି ହଜାର ହଜାର ବଡଚାଷୀ ରହିଛନ୍ତି; ଯେଉଁମାନେ ନିଜ ଧାନ ରଖି ଏବେ ବିକ୍ରି କରିବା ଚିନ୍ତାରେ ରହିଛନ୍ତି । ତେବେ କେତେ ଚାଷୀ ରହିଛନ୍ତି, କେତେ ଧାନ ସେମାନଙ୍କ ପାଖରେ ମହଜୁଦ ରହିଛି ସେ ନେଇ ଡିଆରସିଏସଙ୍କ ପାଖରେ କୌଣସି ସ୍ପଷ୍ଟ ସୂଚନା ନାହିଁ । ବାସ୍ତବ ଚିତ୍ର ଯଦି ଦେଖାଯାଏ ଏବେ ବି ଅନେକ ଚାଷୀଙ୍କ ପାଖରେ ହଜାର ହଜାର ବସ୍ତା ଧାନ ରହିଛି; କିନ୍ତୁ ଜିଲ୍ଲାକୁ ଆସିଥିବା ପ୍ରାୟ ୪୫ ଲକ୍ଷ କ୍ୱିଣ୍ଟାଲ ଧାନ ଟାର୍ଗେଟ ପୂରଣ ହେବାକୁ ବସିଛି । ତେବେ କାହା ଧାନରେ ଟାର୍ଗେଟ ପୂରଣ ହୋଇଛି ତାହା ଏବେ ସବୁଠାରୁ ବଡ ପ୍ରଶ୍ନ । ଅନ୍ୟପକ୍ଷରେ ଦୁମଦୁମିର ଜଣେ ଯୁବ ଚାଷୀଙ୍କ ଧାନକିଣା ଟଙ୍କା ଅଚଳ ଆକାଉଣ୍ଟରେ ପଡ଼ିଥିବା ଖବର ସାମ୍ନାକୁ ଆସିଥିଲା । ସେହିପରି କୁଶଙ୍ଗ ଗାଁର ଜଣେ ଯୁବ ଚାଷୀ ୩୦ କ୍ୱିଣ୍ଟାଲ ଧାନ ବିକିଥିବା ବେଳେ ପ୍ରାୟ ଏକ ଲକ୍ଷ ଟଙ୍କା ଛତିଶଗଡ଼ରେ ଥିବା ଏକ ପୁରୁଣା ଆକାଉଣ୍ଟରେ ଜମା ହୋଇଛି । ଏହିଭଳି ଅନେକ ଚାଷୀଙ୍କ ଧାନବିକ୍ରି ଟଙ୍କା ଅନ୍ୟ ରାଜ୍ୟ ଆକାଉଣ୍ଟରେ ଜମା ହୋଇଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଚଳିତ ବର୍ଷ ଧାନ ବିକ୍ରି କରିବା ପରେ ଅନେକ ଚାଷୀଙ୍କ ଖାତାକୁ କେବଳ ବୋନସ ଟଙ୍କା ଜମା ହୋଇଛି । ଏମ୍ଏସ୍ପି ଟଙ୍କା ଜମା ହୋଇ ନ ଥିବା ଭଳି ଅଭିଯୋଗ ମଧ ବଲାଙ୍ଗିର ଜିଲ୍ଲାରୁ ସାମ୍ନାକୁ ଆସିଛି । ତେବେ ଏନେଇ ବଲାଙ୍ଗିର ଡିଆରସିଏସ ପ୍ରମୋଦ ବରିହାଙ୍କୁ ପଚାରିବାରୁ ରାଜ୍ୟସ୍ତରରୁ ଟୋକନ ଜେନେରେଟ କରାଯାଉଛି । କେତେ ବଡ ଚାଷୀ ଅଛନ୍ତି, କେତେ ଧାନ ବିକିଲେ, କେତେ ବଳକା ରହିଛି ସେ ନେଇ ତାଙ୍କ ପାଖରେ ସ୍ପଷ୍ଟ ତଥ୍ୟ ନ ଥିବା କହିଛନ୍ତି । ଅନ୍ୟପକ୍ଷରେ ଚାଷୀଙ୍କ ଯେଉଁ ବ୍ୟାଙ୍କ ଆକାଉଣ୍ଟ ଡିବିଟି ହୋଇଛି ସେହି ଆକାଉଣ୍ଟରେ ଟଙ୍କା ଜମା ହେଉଛି । ଜମା ହୋଇଥିବା ଟଙ୍କା ଚାଷୀଙ୍କୁ ସେହି ଆକାଉଣ୍ଟରୁ ହିଁ ଉଠାଇ ହେବ । ଯଦି ଆଉ ଟଙ୍କା ଜମା ହେବାର ଅଛି ତେବେ ଚାଷୀ ବ୍ୟାଙ୍କକୁ ଯାଇ ମାନୁଆଲ ଡିବିଟି ଆକାଉଣ୍ଟ ପରିବର୍ତ୍ତନ କରିପାରିବେ ବୋଲି ସେ କହିଛନ୍ତି । ଏଥିରେ ବିଭାଗର କିଛି ଦୋଷ ନାହିଁ କି ସେ କିଛି ସହାୟତା କରିପାରିବେ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଲେ । ତେବେ କୃଷିମନ୍ତ୍ରୀଙ୍କ ଜିଲ୍ଲାରେ ଚାଷୀଙ୍କ ପାଇଁ ସମସ୍ୟା ଧାନଚାଷ କରିବାରୁ ବଳି ଧାନବିକ୍ରି ବ୍ୟବସ୍ଥା ବଳି ଯାଇଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ଅନେକ ଚାଷୀ ବିଭାଗୀୟ ସହାୟତା ନ ପାଇ ଅସହାୟ ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି ।

### ■ ଦେଓଗାଁ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା

## ଶିକ୍ଷକଙ୍କୁ ମାଡ଼, ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର

> **ଅଭିଯୋଗ ସତ୍ତ୍ୱେ ଦୁର୍ବୃତ୍ତକୁ ଗିରଫ କରୁନି ପୁଲିସ**
>
> **ପ୍ରତିବାଦରେ ୨ ଦିନ ହେଲା ବିଦ୍ୟାଳୟ ବନ୍ଦ**

**ସଇଁତଲା, ୧୪ ।୨(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଦେଓଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି । ସ୍କୁଲର ଜଣେ କାର୍ଯ୍ୟରତ ଶିକ୍ଷକଙ୍କୁ ମାଡ଼ ମରାଯିବା ସହ ଜୀବନରେ ମାରିଦେବାକୁ ଧମକ ଦିଆଯାଇଛି । ସେହିଭଳି ଜଣେ ଶିକ୍ଷୟିତ୍ରୀଙ୍କୁ ମଧ ଦୁର୍ବ୍ୟବହାର କରାଯାଇଛି । ଏ ନେଇ ଟିକ୍ରାପଡ଼ା ଫାଣ୍ଡିରେ ଶିକ୍ଷକ ଲଳିତ ସାହୁ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରିଛି; ହେଲେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଏହି ଘଟଣାକୁ ନେଇ ୨ ଦିନ ହେଲା ବିଦ୍ୟାଳୟରେ ତାଲା ପଡ଼ିଛି । ଏଣୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ମଧ ବନ୍ଦ ହୋଇଛି । ଏଣୁ ଛାତ୍ରଛାତ୍ରୀ ଓ ଅଭିଭାବକ ଆନ୍ଦୋଳନ ଲାଗି ସଜବାଜ ହେଉଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ୧୩୮ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ପ୍ରଧାନ ଶିକ୍ଷକଙ୍କ ସମେତ ୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ରହିଛନ୍ତି । ଗତ ୧୧ ତାରିଖ ଅପରାହ୍ନରେ ଶିକ୍ଷକ ଲଳିତ ସାହୁ ସ୍କୁଲରେ ପାଠ ପଢ଼ାଉଥିଲେ । ଏହି ସମୟରେ ଗାଁର ଆକାଶ ନାଗ ନାମକ ଜଣେ ଯୁବକ ସ୍କୁଲ ପାଚେରି ଡେଇଁ ଭିତରକୁ ପଶିବା ପରେ ଲଳିତଙ୍କୁ ୫ ହଜାର ଟଙ୍କା ମାଗିଥିଲେ । ଲଳିତ ମନା କରିବାରୁ ତାଙ୍କ ମୁହଁକୁ ମାଡ଼ ମାରିଥିଲେ । ପରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ବାରିକଙ୍କୁ ମଧ ୨ ହଜାର ଟଙ୍କା ମାଗିଥିଲା । ସେ ମଧ ମନା କରିବାରୁ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ଏହି ଘଟଣା ନେଇ ଟିକ୍ରାକ୍ରାପଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ ସତ୍ତ୍ୱେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ । ଏନେଇ ଫାଣ୍ଡି ଅଧିକାରୀ ଗୋପାଳ କୃଷ୍ଣ କୁମୁଡାଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି । ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ୨୦୨୩ରେ ମଧ ଏହି ଯୁବକ ଜଣକ ଶିକ୍ଷକ ଲଳିତଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇଥିଲେ ।

## ଏକ୍ସପାୟାର ମଦ ବିକ୍ରି ଅଭିଯୋଗରେ ବାର୍‌ରେ ଚଢ଼ଉ

**ବଲାଙ୍ଗିର, ୧୪ ।୨(ସମିସ):** ବଲାଙ୍ଗିର ସହରରେ ଥିବା ଏକ ବାରରେ ଏକ୍ସପାୟାରୀ ମଦ ବିକ୍ରି ହେଉଛି । ଏଭଳି ଅଭିଯୋଗ ହେବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇଛି । ଚଢଉ ସମୟରେ ବାରରେ ଏକ୍ସପାୟାରୀ ମଦ ରହିଥିବା ଜଣାପଡ଼ିଥିଲା । ଏହାପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅବକାରୀ ବିଭାଗ ଉପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

ବଲାଙ୍ଗିର ରେଳଷ୍ଟେସନ ପାଖରେ ଥିବା ଇନ୍ଦ୍ରପ୍ରସ୍ଥ ହୋଟେଲରେ ଥିବା ବାର୍‌ରେ କିଛି ଦିନ ତଳେ ବ୍ୟବହାର ଅବଧି ତାରିଖ ସରିଯାଇଥିବା ମଦ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ବିଭିନ୍ନ ସୂତ୍ରରୁ ଏ ନେଇ ଖବର ପାଇବା ପରେ ଅବକାରୀ ବିଭାଗର ଟିମ୍ ବାର୍‌ରେ ଚଢଉ କରିଥିଲା । ସେଠାରେ ୩୦ ପେଟି ଏକ୍ସପାୟାର ବିଅର ରହିଥିବା ବିଭାଗ ଜାଣିବାକୁ ପାଇଥିଲେ । ଏଥିପାଇଁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ୫୦ ହଜାର ଟଙ୍କାର ଜରିମାନା କରାଯାଇଥିବା ଅବକାରୀ ବିଭାଗ ଉପ ନିର୍ଦ୍ଦେଶକ ସୀତାକାନ୍ତ ମୁଦୁଲି କହିଛନ୍ତି । କିଛି ମାସ ତଳେ ସୋନପୁରରେ ଥିବା ସରକାରୀ ମଦ ଗୋଦାମରୁ ଏହି ମଦ ଉଠିଥିଲା । ଏକ୍ସପାୟାର ହେବା ପରେ ଏନେଇ ଅବକାରୀ ବିଭାଗକୁ ସୂଚନା ଦେବା କଥା; କିନ୍ତୁ ତାହା ହୋଇ ନାହିଁ । ବର୍ତ୍ତମାନ ପ୍ରଶ୍ନ ଉଠୁଛି କେବଳ ଏହି ବାରରେ ଏକ୍ସପାୟାର ମଦ ଥିଲା ନା ଆଉ କେଉଁଠି ବି ଅଛି । ଏହି ମଦ କେତେ ଦିନ ହେଲା ବିକ୍ରି ହୋଇଛି ସେନେଇ ଅବକାରୀ ବିଭାଗ ଯାଞ୍ଚ କରିବା ପାଇଁ ଜରୁରି ହୋଇ ପଡ଼ିଛି ।

## ଓଷ୍ଟାର ସ୍ୱତନ୍ତ୍ର ବୈଠକ

**ବୀରମହାରାଜପୁର, ୧୪।୨(ସମିସ):** ବୀରମହାରାଜପୁର ବ୍ଲକ ଜଟେସିଂହା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ, ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ଓଷ୍ଟା ବ୍ଲକ ସଭାପତି ଚନ୍ଦ୍ରମଣି ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉପଦେଷ୍ଟା ସଭ୍ୟ ତଥା ଓଷ୍ଟାର ବରିଷ୍ଠ ସଂଗଠକ ଭୂଷଣ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଓଷ୍ଟା ସଭାପତି ଅଖୋଜ ପଧାନ, ସମ୍ପାଦକ ସୁଶୀଲ କୁମାର ବିଶି ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ଓଷ୍ଟା ସଂଗଠନକୁ ଦୃଢ କରିବାକୁ ଉପସ୍ଥିତ ଶିକ୍ଷକମାନଙ୍କୁ ଆହ୍ୱାନ କରିଥିଲେ । ପୂର୍ବତନ ବ୍ଲକ ସମ୍ପାଦକ ତ୍ରିପୁରାରୀ ରଥ ମଞ୍ଚାସୀନ ଥିଲେ । ଶେଷରେ ବ୍ଲକ ସମ୍ପାଦକ ବ୍ରଜମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ପଡୋଶୀ ବ୍ଲକ ଉଲୁଣ୍ଡା ସମ୍ପାଦକ ପ୍ରହଲ୍ଲାଦ ସାହୁ ଓ ଉପସଭାପତି ପଙ୍କଜ ଖମାରି ଯୋଗଦେଇଥିଲେ । ଏହି ସଭାରେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୪୦ ଜଣ ଶିକ୍ଷକ ଯୋଗ ଦେଇଥିଲେ ।

## ବାନାଗ୍ନି ପ୍ରତିରୋଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୧୪ ।୨(ସମିସ):** ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗର ଡାକ ବଙ୍ଗଳାରେ ବନ ବିଭାଗ ଓ ଆର୍‌ସିଡ଼ିସିର ମିଳିତ ଉଦ୍ୟମରେ ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲଜାତ ଖାଦ୍ୟ ପରମ୍ପରା



ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଆର୍‌ସିଡିସି ଜିଲ୍ଲା ସଂଯୋଜକ ଶମ୍ଭୁ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ସମ୍ମାନୀତ ଅତିଥି ରୂପେ ଜିଲ୍ଲା ଜଙ୍ଗଲ ସୁରକ୍ଷା ଫୋରମ୍ ଆବାହକ କୁଳ ମଣି ସାହୁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଆହ୍ୱାନ କମିଟି ଆବାହକ ଟେକେନ୍ଦ୍ର ଜାଲ, ପରିବେଶ କର୍ମୀ ଅଭୟ ତ୍ରିପାଠୀ, ନାହୁପଲା ସରପଞ୍ଚ ନିଳେନ୍ଦ୍ରୀ ପୁଝାରୀ, ଭାନପୁର ସରପଞ୍ଚ ରିନା ଜାଲ, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବାନାଗ୍ନି ପ୍ରତିରୋଧ ସମ୍ପର୍କରେ ଅତିଥିମାନେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ସେହିପରି ଜଙ୍ଗଲଜାତ ଦ୍ରବ୍ୟ, ପାରମ୍ପାରିକ ଖାଦ୍ୟ ଅଭ୍ୟାସ ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ ବନପାଳ ସୁଧିର ଜେନା, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ରେଙ୍ଗାଲି ବନପାଳ ବିପିନ ସହୁ, ପ୍ରମୋଦା ସେଠ୍, ଆର୍‌ସିଡିସି ବ୍ଲକ ସଂଯୋଜକ ମିତାଞ୍ଜଳି ମିଶ୍ର, ନାରାୟଣ ସାହୁଙ୍କ ସମେତ ବନ ସୁରକ୍ଷା ସମିତି ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବନ ବିଭାଗ କର୍ମଚାରୀ, କେନ୍ଦୁପତ୍ର କର୍ମଚାରୀ ଉପସ୍ଥିତ ଥଲେ । ଦେବରାଜ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ଇକୋ ଟୁରିଜିମରେ ସାମିଲ ହେଲା ପଥରଗଡ଼

**ବଲାଙ୍ଗିର/ଲୋଇସିଂହା, ୧୪ ।୨(ସମିସ)**



> **ଜଳାଶୟରେ ଜଳକ୍ରୀଡ଼ା ଓ ଚାରିପଟେ ହେବ ପାର୍କ**
>
> **ପ୍ରକଳ୍ପ ପାଇଁ ୧ କୋଟି ଟଙ୍କାର ଅନୁଦାନ**
>
> **ପାହାଡ଼, ଜଙ୍ଗଲ କୋଳରେ ରହିଛି ପଥରଗଡ଼ ଡ୍ୟାମ୍**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ପଥରଗଡ଼ର ନବକଳେବର ହେବ । ପ୍ରକୃତିକୋଳରେ ଏହି ଜଳାଶୟରେ ଜଳକ୍ରୀଡ଼ା ଆରମ୍ଭ ହେବ । ଏହି ପ୍ରକଳ୍ପକୁ ଇକୋ ଟୁରିଜିମରେ ସାମିଲ କରାଯାଇଛି । ଏଥିପାଇଁ ୧କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି । ଶନିବାର ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ବଲାଙ୍ଗିର ଜିଲ୍ଲା ଆଗଲପୁର ଓ ଲୋଇସିଂହା ବ୍ଲକ ସୀମାରେ ପଥରଗଡ଼ ରହିଛି । ଚାରିଆଡ଼େ ପାହାଡ, ଜଙ୍ଗଲ । ମଝିରେ ଏକ ବଡ଼ ଜଳାଶୟ ରହିଛି । ପ୍ରତିବର୍ଷ ବଣଭୋଜି କରିବା ପାଇଁ ଏହି ସ୍ଥାନକୁ ଶହ ଶହ ଲୋକ ଆସିଥାନ୍ତି । ତେବେ ଏହାକୁ ଇକୋ ଟୁରିଜିମ ସାଇଟରେ ସାମିଲ କରି ବୋଟିଂ, ପାର୍କ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିଲା । ବନ ବିଭାଗ ପକ୍ଷରୁ ଏନେଇ ଯୋଜନା ପ୍ରସ୍ତୁତ କରାଯାଇଛି । ଆନୁସାଙ୍ଗିକ ବ୍ୟବସ୍ଥା କରାଯିବା ସହ ଏକ ପାର୍କ ନିର୍ମାଣ ଯୋଜନା କରାଯାଇଛି । ଜଳାଶୟରେ ଜଳକ୍ରୀଡା ପାଇଁ ବିଭିନ୍ନ ପ୍ରକାର ବୋଟ୍‌ର ମଧ ବ୍ୟବସ୍ଥା କରାଯିବ । ଏହା ସହିତ ଏହି ସ୍ଥାନକୁ ଯିବା ପାଇଁ ରହିଥିବା ରାସ୍ତା ଉନ୍ନତିକରଣ ସହ ଆଲୋକୀକରଣ ବ୍ୟବସ୍ଥା କରାଯିବ । ଡିଏଫଓ ଅଜିତ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି । ଏସିଏଫ ମାନସ ରଞ୍ଜନ ବେହେରା, ରେଞ୍ଜର ଆନନ୍ଦ ବିଶି, ଫରେଷ୍ଟର ବାବୁଲା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପକୁ ନଅଗାଁ(ଖ)-ସାନଟିକାରୁ ରାସ୍ତା ରହିଛି । ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବ ବୋଲି ଡିଏଫଓ ଶ୍ରୀ ବିଶି କହିଛନ୍ତି । ସେହିପରି ଏହିଭଳି ଟିଟିଲାଗଡ଼ ମାଥନପଲା ଡ୍ୟାମ୍ ଓ ପାଟଣାଗଡ଼ ମେହେରକଣ୍ଟାକୁ ମଧ ଇକୋ ଟୁରିଜିମରେ ସାମିଲ କରିବା ପାଇଁ ପ୍ରକଳ୍ପ ଞ୍ଜୁର ହୋଇଛି । ଏଥିପାଇଁ ଅନୁଦାନ ମଞ୍ଜୁର ହୋଇଛି ।

## ପଞ୍ଚ ଦିବସୀୟ ପ୍ରବୋଧନ ତାଲିମ ଉଦ୍‌ଯାପିତ



**କଣ୍ଟାବାଞ୍ଜି, ୧୪ ।୨(ସମିସ):** ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୪ ଓ ନୂତନ ପାଠ୍ୟ ପୁସ୍ତକ ସଞ୍ଚାଳନ ନିମନ୍ତେ ପଞ୍ଚ ଦିବସୀୟ ବ୍ଲକସ୍ତରୀୟ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ପାଇଁ ଦିଗଦର୍ଶନ ଉପରେ ଆଧାରିତ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ଏହି ତାଲିମ କାର୍ଯ୍ୟକ୍ରମ ୯ ତାରିଖରେ କଣ୍ଟାବାଞ୍ଜି ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ଗୌତମ ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ । ନୂତନ ଶିକ୍ଷାନୀତି ଅନୁସାରେ ଦକ୍ଷତା ଭିତ୍ତିକ ନୂତନ ପାଠ୍ୟ ପୁସ୍ତକ ପ୍ରସ୍ତୁତି ହୋଇ ସାରିଛି; ଯାହାକି ଚଳିତ ଶିକ୍ଷା ବର୍ଷ ବିଦ୍ୟାଳୟଗୁଡ଼ିକରେ ପ୍ରଚଳିତ ହେବ । ତେଣୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ସାଧନକର୍ମୀ ସୁରେଶ ରାଉତ, ଅଞ୍ଜଳି ମାଝୀ, ମମତା ପଣ୍ଡା ପ୍ରମୁଖ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଉପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୦୦ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରଛନ୍ତି । ଉଦ୍‌ଯାପନୀ ଦିବସରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ, ଅନୁପ ଦାଶ, ଗୁରୁପ୍ରସାଦ ଛତ୍ରିଆ, ଧନ ସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ନୂତନ ପାଠ୍ୟ ପୁସ୍ତକ କିପରି ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ସାଧିତ ହୋଇପାରିବ ତାହା ସମସ୍ତଙ୍କ ଗୁରୁ ଦାୟିତ୍ୱ ବୋଲି ଅତିଥିମାନେ ମତ ଦେଇଥିଲେ ।

